# NATIONAL NEWS BULLETIN (ODIA)

## 7 July - 2026

## Evening Bulletin : 7.15 p.m.

***********************************

## ମୁଖ୍ୟ ସମ୍ବାଦ

- ଏକ ସଶକ୍ତ ଭାରତ-ଇଣ୍ଡୋନେସିଆ ରଣନୈତିକ ଭାଗିଦାରି ସମଗ୍ର ବିଶ୍ୱରେ ଶାନ୍ତି ଓ ସ୍ଥିରତା ପ୍ରତିଷ୍ଠା ଦିଗରେ ସହାୟକ ହେବ, କହିଲେ ପ୍ରଧାନମନ୍ତ୍ରୀ ।
- କୃଷି ଉଦ୍ୟୋଗୀ ଓ ଚାଷୀଙ୍କୁ ସଶକ୍ତ କରିବା ଲକ୍ଷ୍ୟ ନେଇ ଆଜି ନୂଆଦିଲ୍ଲୀରେ ପ୍ରଗତି ପ୍ରକଳ୍ପର ଶୁଭାରମ୍ଭ କଲେ କୃଷି ମନ୍ତ୍ରୀ ।
- ଦେଶର ଇସ୍ପାତ୍ ଶିଳ୍ପକୁ ଅଧିକ ପ୍ରତିଯୋଗିତା ମୂଳକ କରିବା ଦିଗରେ ସରକାରଙ୍କ ପ୍ରତିଶ୍ରୁତିବଦ୍ଧତା ଦୋହରାଇଲେ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ।
- ଭାରତ-ଇଂଲଣ୍ଡ ତୃତୀୟ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍ ଆଜି ଖେଳାଯିବ ନଟିଂହାମ୍‌ର ଟେଣ୍ଟବ୍ରିଜ୍‌ଠାରେ ।

ଏବଂ

- ଫିଫା ବିଶ୍ୱକପ୍‌ର ରାଉଣ୍ଡ ଅଫ୍ ସିକ୍ସଟିନ୍‌ରେ ଆଜି ଇଜିପ୍ଟ' ଆର୍ଜେଣ୍ଟିନାକୁ ଏବଂ ସ୍ୱିଜରଲାଣ୍ଡ ଭେଟିବ କଲମ୍ବିୟାକୁ ।

# ପିଏମ୍-ଇଣ୍ଡୋନେସିଆ

ଏକ ସଶକ୍ତ ଭାରତ-ଇଣ୍ଡୋନେସିଆ ରଣନୈତିକ ଭାଗିଦାରି ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆହ୍ୱାନ ଦେଇଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଇଣ୍ଡୋନେସିଆ ଗସ୍ତ ଅବସରରେ ଆଜି ଜାକର୍ତାଠାରେ ସେଠାକାର ସଂସଦକୁ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ଦୁଇ ଦେଶ ମଧ୍ୟରେ ଏହି ସଶକ୍ତ ରଣନୈତିକ ଭାଗିଦାରୀ କେବଳ ଭାରତ-ଇଣ୍ଡୋନେସିଆର ସମୃଦ୍ଧି ଲାଗି ନୁହେଁ, ବରଂ ଆଞ୍ଚଳିକ ଏବଂ ବିଶ୍ୱସ୍ତରରେ ଶାନ୍ତି ଓ ସ୍ଥିରତା ପ୍ରତିଷ୍ଠା ଦିଗରେ ସହାୟକ ହେବ । ଭାରତ-ଇଣ୍ଡୋନେସିଆ ମଧ୍ୟରେ ଶତାବ୍ଦୀ ଶତାବ୍ଦୀ ଧରି ରହିଆସିଥିବା ସୁ-ସଂପର୍କ ଉପରେ ଆଲୋକପାତ କରି ଶ୍ରୀ ମୋଦୀ କହିଛନ୍ତି, ଏହାଦ୍ୱାରା ଭବିଷ୍ୟତ ଲାଗି ଆପୋଷ ବିଶ୍ୱାସ ସୁଦୃଢ଼ ହେବା ସହିତ ଗଣତାନ୍ତ୍ରିକ ମୂଲ୍ୟବୋଧ କ୍ଷେତ୍ରରେ ସମାନତା ରହିଥିବା ପ୍ରତିଫଳିତ ହେଉଛି ।

ଭାରତ ବିକାଶ, ଶାନ୍ତି, ସ୍ଥିରତା ଓ ସମୃଦ୍ଧିରେ ବିଶ୍ୱାସ କରେ ବୋଲି ସେ କହିଛନ୍ତି । ସମସ୍ତ ପ୍ରକାର ସନ୍ତ୍ରାସବାଦ କାର୍ଯ୍ୟକଳାପ ବିରୁଦ୍ଧରେ ମିଳିତ କାର୍ଯ୍ୟାନୁଷ୍ଠାନ ଉପରେ ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି, ଏଭଳି ସମାଜ ବିରୋଧି କାର୍ଯ୍ୟକଳାପ ଦ୍ୱାରା ଆଞ୍ଚଳିକ ସୁରକ୍ଷା

ପ୍ରତି ବିପଦ ସୃଷ୍ଟି ହେଉଛି । ଭାରତ-ଇଣ୍ଡୋନେସିଆ ମଧ୍ୟରେ ରଣନୈତିକ ବିଶ୍ୱାସ ଓ ସମ୍ପର୍କ ଦ୍ୱାରା କେବଳ ଏହି ଦୁଇ ଦେଶ ଉପକୃତ ହେବେ ନାହିଁ ବରଂ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ଓ ଗ୍ଲୋବାଲ୍ ସାଉଥ୍‌ରେ ସ୍ଥିରତା ବଜାୟ ରଖିବା  ସହିତ ସମଗ୍ର ବିଶ୍ୱ ଏହାଦ୍ୱାରା ଭବିଷ୍ୟତରେ ଲାଭାନ୍ୱିତ ହେବ ବୋଲି ପ୍ରଧାନମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି ।

## VO-3-PM-ON-GLOBAL-SOUTH

ଭାରତ-ଇଣ୍ଡୋନେସିଆ ମଧ୍ୟରେ ପ୍ରତିରକ୍ଷା, ସାମୁଦ୍ରିକ ସୁରକ୍ଷା, ବାଣିଜ୍ୟ, ଡିଜିଟାଲ୍ ଜ୍ଞାନକୌଶଳ, ଶିକ୍ଷା, କୃତ୍ରିମ ବୁଦ୍ଧିମତା ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜପଦାର୍ଥ ଆଦି କ୍ଷେତ୍ରରେ ସହଯୋଗକୁ ଅଧିକ ସଶକ୍ତ କରିବା ଉପରେ ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି, ୟୁପିଆଇ ସମେତ ଡିଜିଟାଲ୍ ସାଧାରଣ ଭିତ୍ତିଭୂମି, କୃତ୍ରିମ ବୁଦ୍ଧିମତା, ଶିକ୍ଷା, ଷ୍ଟାର୍ଟଅପ୍ ଓ ନବସୃଜନ କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ସହଯୋଗକୁ ଅଧିକ ସମ୍ପ୍ରସାରିତ କରାଯାଇପାରିଲେ ଏହାଦ୍ୱାରା ଉଭୟ ଦେଶବାସୀ ଉପକୃତ ହୋଇପାରିବେ ।

ସେହିଭଳି ଦୁଇ ଦେଶ ମଧ୍ୟରେ ରହିଥିବା ବହୁ ପୁରାତନ ସାଂସ୍କୃତିକ ସମ୍ପର୍କ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ରାମାୟଣରୁ ବୋରୋବୁଦୁର୍ ପର୍ଯ୍ୟନ୍ତ ଭାଗିଦାରୀ ଐତିହ୍ୟ ମାଧମରେ ଭାରତ-

ଇଣ୍ଡୋନେସିଆ ମଧ୍ୟରେ ଏକ ସଶକ୍ତ ସଭ୍ୟତାଗତ ସମ୍ପର୍କ ପ୍ରତିଫଳିତ ହେଉଛି ।

## VO-1-PM-ON-HERITAGE-CONNECT

ରଣନୈତିକ ବିଶ୍ୱାସର ଗୁରୁତ୍ୱ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ଆଜି ଇଣ୍ଡୋନେସିଆ ସଂସଦରେ ସାଇବର ସୁରକ୍ଷା, ଜରୁରୀକାଳୀନ ପ୍ରସ୍ତୁତି ଏବଂ ଗ୍ରେଟ୍ ନିକୋବରଠାରୁ ମଲ୍ଲାକା ପ୍ରଣାଳୀ ପର୍ଯ୍ୟନ୍ତ ସାମୁଦ୍ରିକ ସହଯୋଗ କ୍ଷେତ୍ରରେ ଭାଗିଦାରୀକୁ ଅଧିକ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଦୁଇ ଦେଶ ମଧ୍ୟରେ ଜନସମ୍ପର୍କକୁ ଅଧିକ ସଶକ୍ତ କରିବାର ଆବଶ୍ୟକତା ଉପରେ ନିଜର ମତରଖି ପ୍ରଧାନମନ୍ତ୍ରୀ କହିଛନ୍ତି, ଦ୍ୱିପକ୍ଷ ସମ୍ପର୍କକୁ ଅଧିକ ସଶକ୍ତ କରିବା ଦିଗରେ ଭାରତୀୟ ସାଂସ୍କୃତିକ ଐତିହ୍ୟ ଗଙ୍ଗା ମହାକୁମ୍ଭ ଭଳି ମହୋତ୍ସବ ସୁଯୋଗ ସୃଷ୍ଟି କରିଥାଏ । ଦୁଇ ଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଜାରି ରହିଥିବା ଭାଗିଦାରିକୁ ଅଧିକ ସଶକ୍ତ କରାଯାଇପାରିଲେ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଶାନ୍ତି, ପ୍ରଗତୀ ଓ ସମୃଦ୍ଧି ବଜାୟ ରଖିବାରେ ସହାୟକ ହୋଇପାରିବ ବୋଲି ଶ୍ରୀ ମୋଦୀ ଆଶାବ୍ୟକ୍ତ କରିଛନ୍ତି ।

# ପ୍ରଧାନ-ଆଇଆଇଏମ୍

ଆଇ.ଆଇ.ଏମ୍. ବାଙ୍ଗାଲୋରର ଏକ କ୍ୟାମ୍ପସ୍ ଇଣ୍ଡୋନେସିଆରେ ପ୍ରତିଷ୍ଠା କରାଯିବ । ସମ୍ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ବର୍ତ୍ତମାନ ଇଣ୍ଡୋନେସିଆ ଗସ୍ତ ଅବସରରେ ଏ ସମ୍ପର୍କିତ ପ୍ରସ୍ତାବ ଅନୁମୋଦିତ ହୋଇଛି । ଏହାଦ୍ୱାରା ଶିକ୍ଷା କ୍ଷେତ୍ରରେ ଉଭୟ ଦେଶ ମଧ୍ୟରେ ଏକ ନୂତନ ଅଧ୍ୟାୟ ଯୋଡ଼ି ହୋଇଯାଇଛି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମତବ୍ୟକ୍ତ କରିଛନ୍ତି । ଭାରତର ପାରମ୍ପରିକ ଜ୍ଞାନ ଓ ଶିକ୍ଷା ବ୍ୟବସ୍ଥାକୁ ବିଶ୍ୱସ୍ତରରେ ଆଦୃତ କରାଇବା ଦିଗରେ ଏହା ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

**VO-**

# ଚୌହାନ-ପ୍ରଗତି

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଆଜି ପ୍ରଗତୀ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ଏହାଦ୍ୱାରା ୨୦ ହଜାରରୁ ଅଧିକ କୃଷି ଉଦ୍ୟୋଗୀ ଏବଂ ପ୍ରାୟ ୨୦ ଲକ୍ଷ ଚାଷୀଙ୍କୁ ସଶକ୍ତ କରାଯାଇପାରିବ ବୋଲି ସେ କହିଛନ୍ତି । ଆଜି ନୂଆଦିଲ୍ଲୀଠାରେ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀ ଚୌହାନ କହିଛନ୍ତି, ବିକଶିତ ଭାରତ ଲକ୍ଷ୍ୟ ହାସଲ

କରିବା ଲାଗି କୃଷି କ୍ଷେତ୍ରକୁ ବିକଶିତ କରିବା ସହିତ ଦେଶର ଗ୍ରାମାଞ୍ଚଳ ଓ କୃଷକମାନଙ୍କୁ ମଧ୍ଯ ସମୃଦ୍ଧ କରିବା ଅପରିହାର୍ଯ୍ୟ । ଏହି ଲକ୍ଷ୍ୟ ହାସଲ କରିବା ଲାଗି ସରକାର ସମସ୍ତ ପ୍ରକାର ପ୍ରଚେଷ୍ଟା ଜାରି ରଖିଛନ୍ତି ।

ବିଭିନ୍ନ ସଂଗଠନ ସହିତ ଏ ଦିଗରେ କାର୍ଯ୍ୟକୁ ତ୍ୱରାନ୍ୱିତ କରି ମିଳିତ ପ୍ରୟାସ ଜାରି ରହିଛି ବୋଲି ଶ୍ରୀ ଚୌହାନ କହିଛନ୍ତି । ପ୍ରଗତି କାର୍ଯ୍ୟକ୍ରମ ଅଧୀନରେ ୨୬ ହଜାର କ୍ଷୁଦ୍ର କୃଷି ଉଦ୍ୟୋଗୀଙ୍କୁ ତାଲିମ୍ ଦେବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି । ଏହି ଉଦ୍ୟୋଗୀମାନେ ଗୋଟିଏ ଗ୍ରାମରେ କାର୍ଯ୍ୟ କରିବେ ଏବଂ ଗ୍ରାମାଞ୍ଚଳ କୃଷି କ୍ଷେତ୍ରର ରୂପାନ୍ତରିକରଣ ଦିଗରେ ୧୦୦ରୁ ୨୦୦ କୃଷକ ସେମାନଙ୍କୁ ସହଯୋଗ କରିବେ ବୋଲି ଶ୍ରୀ ଚୌହାନ କହିଛନ୍ତି ।

**VO-2-SHIVRAJ-SINGH-CHAUHAN**

## ପୀୟୂଷ–ଷ୍ଟିଲ୍ ଇଣ୍ଡଷ୍ଟ୍ରି

ଦେଶର ଇସ୍ପାତ୍ ଶିଳ୍ପକୁ ଅଧିକ ପ୍ରତିଯୋଗିତା ମୂଳକ କରିବା ସହିତ ଏହି କ୍ଷେତ୍ରରେ ଅଧିକ ଅଭିବୃଦ୍ଧି ହାସଲ ଲାଗି ସରକାର ପ୍ରତିଶ୍ରୁତି ବଦ୍ଧ ବୋଲି ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ମତବ୍ୟକ୍ତ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀ

ଗୋୟଲ କହିଛନ୍ତି, ଭାରି ଶିଳ୍ପ ଏବଂ ଇସ୍ପାତ୍ ମନ୍ତ୍ରୀ ଏଚ୍.ଡି. କୁମାର ସ୍ୱାମୀଙ୍କ ସହିତ ଏ ସମ୍ପର୍କରେ ତାଙ୍କର ଅତ୍ୟନ୍ତ ଫଳପ୍ରଦ ତଥା ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଇସ୍ପାତ୍ କ୍ଷେତ୍ରରେ ନୂତନ ଅଭିବୃଦ୍ଧି ସୁଯୋଗ ସୃଷ୍ଟି କରିବା ତଥା ଏହାର ପ୍ରତିଦ୍ୱନ୍ଦ୍ୱିତା ମୂଳକ ସ୍ଥିତିକୁ ଅଧିକ ସୁଦୃଢ଼ କରିବା ଲାଗି ସମ୍ପୃକ୍ତ ବିଭିନ୍ନ ପ୍ରତିପକ୍ଷଙ୍କ ସହିତ ଏକ ସକାରାତ୍ମକ ଆଲୋଚନା କରାଯାଇଛି । ଏକ ସଶକ୍ତ ତଥା ଆତ୍ମନିର୍ଭର ଭାରତ ଗଠନ କରିବା ସହିତ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଅଭିବୃଦ୍ଧି ହାସଲ କରିବା ଦିଗରେ ଶ୍ରୀ ଗୋୟଲ ଏହି ବୈଠକରେ ସରକାରଙ୍କ ପ୍ରତିବଦ୍ଧତା ଦୋହରାଇଛନ୍ତି ବୋଲି ସମ୍ପୃକ୍ତ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ।

## ଜୟଶଙ୍କର-ଡେପୁଟି ପିଏମ୍ ମିଟ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆଜି ବାହାରିନ୍‌ର ଉପପ୍ରଧାନମନ୍ତ୍ରୀ ଖାଲିଦ୍ ବିନ୍ ଅବଦୁଲ୍ଲା ଅଲ୍ ଖଲିଫାଙ୍କ ସହିତ ସାକ୍ଷାତ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ସୂଚନା ଦେଇ ଡକ୍ଟର ଜୟଶଙ୍କର କହିଛନ୍ତି, ଦୁଇ ଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଜାରି ରହିଥିବା ଦ୍ୱିପକ୍ଷିୟ ସହଯୋଗକୁ ଅଧିକ ସଶକ୍ତ କରିବା ଦିଗରେ ଆଲୋଚନା ହୋଇଛି । ଏହାଛଡ଼ା ଆଞ୍ଚଳିକ ସ୍ଥିତି

ସମ୍ପର୍କରେ ମଧ୍ୟ ଉଭୟ ନିଜ ନିଜର ମତବିନିମୟ କରିଛନ୍ତି ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି ।

## କ୍ରିକେଟ୍

ଭାରତ-ଇଂଲଣ୍ଡ ମଧ୍ୟରେ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍ ଆଜି ନଟିଂହାମ୍‌ର ଟେଷ୍ଟବ୍ରିଜ୍‌ଠାରେ ଖେଳାଯିବ । ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ୍‌ର ଆଜିର ତୃତୀୟ ମ୍ୟାଚ୍ ଭାରତୀୟ ସମୟ ରାତି ୧୦ଟାରେ ଆରମ୍ଭ ହେବ । ସିରିଜ୍‌ରେ ଇଂଲଣ୍ଡ ୧-୦ରେ ଆଗୁଆ ରହିଛି । ପ୍ରଥମ ମ୍ୟାଚ୍‌ଟି ବର୍ଷା ଯୋଗୁଁ ବାତିଲ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ଇଂଲଣ୍ଡ ଭାରତକୁ ୪ ୱିକେଟ୍‌ରେ ପରାସ୍ତ କରିଥିଲା ।

## ଫିଫା-ଫୁଟବଲ

ଫିଫା ବିଶ୍ୱକପ୍‌ର ରାଉଣ୍ଡ ଅଫ୍ ସିକ୍ସଟିନ୍ ମ୍ୟାଚ୍‌ରେ ପୂର୍ବ ବର୍ଷ ଚାମ୍ପିୟନ୍ ଆର୍ଜେଣ୍ଟିନା ଆଜି ରାତିରେ ଇଜିପ୍ଟ ବିପକ୍ଷରେ ଖେଳିବ । ଆଟ୍‌ଲାଣ୍ଟାଠାରେ ଅନୁଷ୍ଠିତ ହେବାକୁ ଥିବା ଏହି ମ୍ୟାଚ୍ ଭାରତୀୟ ସମୟ ରାତି ସାଢ଼େ ୯ଟାରେ ଅନୁଷ୍ଠିତ ହେବ । ପରେ ଭାଙ୍କୋଭରଠାରେ

ଅନୁଷ୍ଠିତ ହେବାକୁ ଥିବା ଏହି ରାଉଣ୍ଡର ଅନ୍ୟ ଏକ ମ୍ୟାଚ୍‌ରେ ସ୍ୱିଜରଲାଣ୍ଡ’ କଲମ୍ବିୟାକୁ ଭେଟିବ ।

ବେଲଜିୟମ’ ଆମେରିକାକୁ ୪-୧ ରେ ପରାସ୍ତ କରି କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଛି । ଏବେ ବେଲଜିୟମ କ୍ୱାର୍ଟର ଫାଇନାଲରେ ଆସନ୍ତା ଶୁକ୍ରବାର ଦିନ ସ୍ପେନ୍ ବିପକ୍ଷରେ ଖେଳିବ । ଇତିମଧ୍ୟରେ ଇଂଲଣ୍ଡ, ନରୱେ, ମରକ୍କୋ, ସ୍ପେନ୍ ଓ ଫ୍ରାନ୍ସ କ୍ୱାର୍ଟରଫାଇନାଲ୍ ପର୍ଯ୍ୟାୟରେ ପ୍ରବେଶ କରିସାରିଛନ୍ତି ।

# ଉିମ୍ବଲଡନ୍

ଉିମ୍ବିଲ୍‌ଡନ୍ ଟେନିସ୍ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ୍‌ରେ ପୂର୍ବବର୍ଷର ଚାମ୍ପିୟନ୍ ଜାନିକ୍ ସିନ୍ନର୍ ଏବଂ ଜର୍ମାନର ଜାନ୍ ଲେନାଡ୍ ଷ୍ଟ୍ରଫ୍‌ଙ୍କ ମଧ୍ୟରେ ମ୍ୟାଚ୍ ଜାରି ରହିଛି । ସେହିଭଳି ଅନ୍ୟ ଏକ କ୍ୱାର୍ଟର ଫାଇନାଲ୍‌ରେ ଆଜି ସନ୍ଧ୍ୟାରେ ସର୍ବିୟାର ନୋଭାକ୍ ଜୋକୋଭିକ୍’ କାନାଡ଼ାର ଫେଲିକ୍ସ ଅଗର ଆଲିୟାସିମେଙ୍କୁ ଭେଟିବେ ।

ସେହିଭଳି ଆଜି ଅନୁଷ୍ଠିତ ହେବାକୁ ଥିବା ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ୍‌ରେ ଆମେରିକାର ଜେସିକା ପେଗୁଲା କୋକୋ ଗଭ୍‌ଙ୍କୁ ଭେଟିବାକୁ ଥିବା ବେଳେ ଅନ୍ୟ ଏକ ମ୍ୟାଚ୍‌ରେ ଜାପାନର ନାଓମି ଓସାକା

ଓ ଚେକସ୍ଲୋଭାକିଆର କାରୋଲିନା ମୁଚୋଭାଙ୍କ ମଧ୍ୟରେ ମୁକାବିଲା ହେବ ।

## କେରଳମ୍-ଜେକେ

କେରଳମ୍‌ରେ ପ୍ରବଳ ବର୍ଷା ଓ ଭୂସ୍ଖଳନ ଯୋଗୁଁ ଓ୍ୱାୟାନାଡ୍ ଜିଲ୍ଲା ଅନ୍ତର୍ଗତ ମେପାଡ଼ି ନିକଟସ୍ଥ କାଲାଡ଼ି ଠାରେ ଏକ ନିର୍ମାଣାଧୀନ ସଡ଼କ ଟନେଲ୍ ପ୍ରକଳ୍ପ ଏହାଦ୍ୱାରା ଭୁଶୁଡ଼ି ପଡ଼ିଛି । ଫଳରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହେବା ସହିତ ୭ ଜଣ ଆହତ ହୋଇଛନ୍ତି । ଏହାଛଡ଼ା ଅନ୍ୟ ୭ ଜଣ ନିଖୋଜ ହୋଇଥିବା ଜଣାଯାଇଛି । ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ଭି.ଡି. ସାଥିସନ୍ ଏହାକୁ ଏକ ଦୁର୍ଭାଗ୍ୟପୂର୍ଣ୍ଣ ବିପର୍ଯ୍ୟୟ ଭାବେ ବର୍ଣ୍ଣନା କରିବା ସହିତ ଅଭିଯୁକ୍ତ ଠିକାଦାର ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି । ଉଦ୍ଧାର କାର୍ଯ୍ୟ ଲାଗି ଏନ୍.ଡି.ଆର୍.ଏଫ୍., ରାଜ୍ୟ ପୁଲିସ୍, ଅଗ୍ନିସମ ଓ ଉଦ୍ଧାର ସେବାକାରୀ ଦଳ ସେଠାରେ ନିୟୋଜିତ ହୋଇଛନ୍ତି ।

ଅନ୍ୟ ପକ୍ଷରେ ଜାମ୍ମୁ କାଶ୍ମୀରରେ ବାଦଲ ଫଟା ବର୍ଷା ଯୋଗୁଁ ଅନେକ ଘର ଓ ଦୋକାନ କ୍ଷତିଗ୍ରସ୍ତ ହୋଇଥିବା ଜଣାଯାଇଛି । ଆମ ଜାମ୍ମୁ ସମ୍ବାଦଦାତାଙ୍କ ନିକଟରୁ ମିଳିଥିବା ସୂଚନା ଅନୁଯାୟୀ ଡୋଡା ଜିଲ୍ଲା ଅନ୍ତର୍ଗତ ଥାର୍ଥି ଅଞ୍ଚଳରେ ଆଜି ସକାଳେ ଏହି ବାଦଲଫଟା ବର୍ଷା ହୋଇଛି । ତେବେ କୌଣସି ମୃତାହତ ହୋଇଥିବା ଖବର ହସ୍ତଗତ

ହୋଇନାହିଁ । ଏଥିରେ ପ୍ରଭାବିତ ପରିବାରବର୍ଗଙ୍କୁ ତୁରନ୍ତ ରିଲିଫ୍ ଓ ସହାୟତା ଯୋଗାଇଦେବା ଲାଗି ଉପରାଜ୍ୟପାଳ ମନୋଜ ସିହ୍ନା ଡୋଡା ଉପାୟୁକ୍ତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।